# ଟଙ୍କା ଫେରିଯିବାକୁ ନେଇ ଅସନ୍ତୋଷ

## ରସୁଲପୁର ପଞ୍ଚାୟତ ସମିତିର ନବମ ସାଧାରଣ ପରିଷଦ ବୈଠକ

**ରସୁଲପୁର,୨।୩(ରଞ୍ଜିତ ରାଉତ):**



ବୈଠକରେ ଯୋଗଦେଇଥିବା ୩ ବିଧାୟକ, ବ୍ଲକ୍ ଅଧ୍ୟକ୍ଷ, ବିଡିଓ ଏବଂ ଅନ୍ୟମାନେ।

ରସୁଲପୁର ପଞ୍ଚାୟତ ସମିତିର ନବମ ସାଧାରଣ ପରିଷଦ ବୈଠକ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୧ ବର୍ଷରୁ ଊର୍ଦ୍ଧ୍ୱ ଅବଧିର ବ୍ୟବଧାନ ଓ ସାଧାରଣ ନିର୍ବାଚନରେ ରାଜ୍ୟରେ ନୂତନ ସରକାର ଗଠନ ପରେ ଏହା ପ୍ରଥମ ଅଧିବେଶନ ହୋଇଥିବାରୁ ବୈଠକକୁ ନେଇ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ରସୁଲପୁର ବ୍ଲକ ୩ ନିର୍ବାଚନମଣ୍ଡଳୀରେ ବିଭକ୍ତ ହୋଇଛି। ତେଣୁ ଏଠାରେ ଅନୁଷ୍ଠିତ ବୈଠକରେ ୩ ନିର୍ବାଚନମଣ୍ଡଳୀ ଯଥା; ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଓ ଏମ୍‌ପିଙ୍କ ପ୍ରତିନିଧି ଫଣୀନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ପଞ୍ଚାୟତର ଜନ ପ୍ରତିନିଧି ଅଭିଯୋଗ ଆଣିଥିଲେ। ଦିନରାତି ନଦୀରୁ ବାଲି ଉତ୍ତୋଳନ ଓ ବିନା କାଗଜପତ୍ରରେ ହାଇୱାରେ ପରିବହନ ହେଉଥିବା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ବରୀ ବିଧାୟକ ଅସନ୍ତୋଷବ୍ୟକ୍ତ କରିବା ସହ ଏଦିଗରେ ରସୁଲପୁର ତହସିଲଦାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ଜାଣିବାକୁ ଚାହିଁଥିଲେ। ଭାରପ୍ରାପ୍ତ ତହସିଲଦାର ନିରଞ୍ଜନ ଗୁରୁ ଉତ୍ତରରେ କହିଥିଲେ ଯେ, ବାଲିଘାଟରୁ ବାଲି ଉତ୍ତୋଳନ ପ୍ରସଙ୍ଗ ଖଣି ଉପନିର୍ଦ୍ଦେଶକଙ୍କ ପରିସରଭୁକ୍ତ ରହିଛି। ତହସିଲ ପକ୍ଷରୁ ଗାଡ଼ି ଜବତ କରାଯାଇ ଖଣି ଉପନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେ ଦିଗରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଯାଇଛି। ତେବେ ଏ ସବୁ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପ୍ରଶାସନର ପ୍ରୋତ୍ସାହନରେ ବେଆଇନ ବାଲି କାରବାର ହେଉଥିବା ବୁଝିବାକୁ ପଡ଼ିବ ବୋଲି ବିଧାୟକ ମଲ୍ଲିକ କହିଥିଲେ। ଏହାଛଡ଼ା ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ସେମାନଙ୍କ ସମସ୍ୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବ ସରକାରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଜରିଆରେ ଚୟନ ହୋଇଥିବା ପ୍ରକଳ୍ପକୁ ବ୍ଲକ ପ୍ରଶାସନ କାର୍ଯ୍ୟକାରୀ କରିବା ବଦଳରେ ୫କୋଟିରୁ ଅଧିକ ଟଙ୍କା ଫେରାଇ ଦେବାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ରାଜ୍ୟ ସରକାରଙ୍କ ନୂତନ ଯୋଜନା ବିକଶିତ ଗାଁ, ବିକଶିତ ଓଡ଼ିଶାରେ ଆମ ଓଡ଼ିଶା, ନବୀନ ଓଡ଼ିଶାର ସମସ୍ତ ପ୍ରକଳ୍ପକୁ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ କାର୍ଯ୍ୟ ଶେଷକରି ପାଉଣା ପାଇବାକୁ ଦୀର୍ଘଦିନ ଧରି ଅପେକ୍ଷା କରିଥିବା ଠିକାଦାରଙ୍କୁ ସେମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବାକୁ କୁହାଯାଇଥିଲା। ଜନପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତରେ ଭତ୍ତା, ରାଶନ କାର୍ଡ, ଭୂମିହୀନଙ୍କୁ ଜମିପଟ୍ଟା, ଆବାସ ଓ ପାନୀୟଜଳ ଯୋଗାଇ ଦେବା ସହ ବିଦ୍ୟାଳୟରେ ରହିଥିବା ଶିକ୍ଷକ ସମସ୍ୟା ଦୂର କରିବାକୁ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ ହୋଇଥିଲା। ଶଯ୍ୟାଶାୟୀ ଭତ୍ତା ହିତାଧିକାରୀଙ୍କ ପାଖରେ ସେମାନଙ୍କ ପାଉଣା ପହଞ୍ଚାଇବା ପାଇଁ ପ୍ରତିନିଧିମାନେ ଦାବି କରିଥିଲେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ ପୂର୍ବ ବୈଠକର ବିବରଣୀପାଠ କରିଥିଲେ। ଉକ୍ତ ବିବରଣୀ ଉପରେ ଆଲୋଚନା କରାଯାଇ ଲିଖିତ ଖସଡ଼ାକୁ ଦୃଢ଼ୀକରଣ କରାଯାଇଥିଲା। ବିଡିଓ ସତ୍ୟାନନ୍ଦ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମିତି ଉପାଧ୍ୟକ୍ଷା ଜୟନ୍ତୀ ଦାଶ ଧନ୍ୟବାଦ ଦେଇଥିଲେ।

# ଅଂଶୁମାନ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଚଢ଼େଇଧରା, ୨।୩(ଦିଲୀପ ପରିଡ଼ା):**

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତିରେ ଧର୍ମଶାଳା ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ହାଇଟେକ ମେଡିକାଲ କଲେଜ ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅଧୀନ ମଧୁପୁରଗଡ଼ ପଞ୍ଚାୟତର ମଧୁପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବଡ଼ଭାଇ ସୀତାଂଶୁ ଶେଖର ସାହୁ ଉଦ୍‌ଘାଟନ କରିଥିଲେ। ଶ୍ରୀବତ୍ସ ଧୀର, ଚନ୍ଦ୍ରଶେଖର ଜେନାମଣି, ବିଶ୍ୱରଞ୍ଜନ ବଳ, ଦେବେନ୍ଦ୍ର ଜେନାମଣି, ବିଶ୍ୱଜିତ ଜେନାମଣି, ପାଣ୍ଡବ ବାରିକ, ଅଂଶୁମାନ ରଥ, ଗୌତମ ସାହୁ, ଲୋକନାଥ ମହାନ୍ତି, ବିଶ୍ୱନାଥ ମହାନ୍ତି, ଅଭିଷେକ ସାହୁ, ଆୟୁଷ୍ମାନ ପ୍ରିୟଦର୍ଶନ ସାହୁ, ଅଭିଷେକ ପ୍ରିୟଦର୍ଶନ ସାହୁ, ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ। ଶିବିରରେ ମଧୁପୁରଗଡ଼ ଓ ଆଖପାଖ ଅଞ୍ଚଳରୁ ପ୍ରାୟ ୩୦୦ରୁ ଅଧିକ ରୋଗୀ ଆସି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହାଇଟେକ ମେଡିକାଲର ଡାକ୍ତରମାନେ ଉପସ୍ଥିତ ରହି ଚର୍ମ, ମଧୁମେହ, ଉଚ୍ଚ ରକ୍ତଚାପ ଓ ଶିଶୁରୋଗ ଆଦି ରୋଗୀଙ୍କ ଚିକିତ୍ସା କରିଥିଲେ। ରୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ୩ମାସ ପାଇଁ ଔଷଧ ପ୍ରଦାନ କରାଯାଇଥିଲା। ପରେ ଡାଇବେଟିସ ସମ୍ବନ୍ଧରେ ସଚେତନତା କରାଯାଇଥିଲା। ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ହାଇଟେକ ମେଡିକାଲ କର୍ମଚାରୀ ଶିବିର ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବରୀ, ୨।୩(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ଅଧୀନ ଝଂପଡ଼ା ନିମ୍ନମୌଳିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁତି ଭୂଷଣ ଜେନାଙ୍କୁ ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଡ. ଭାଗ୍ୟଧର ସାହୁ ଯୋଗଦେଇ ପ୍ରଧାନଶିକ୍ଷକ ଜେନାଙ୍କ ପରି ଜଣେ ଛାତ୍ରବତ୍ସଳ ଶିକ୍ଷକ ଅଧୁନା ସାମାଜିକ ବ୍ୟବସ୍ଥା ଭିତରେ ବିରଳ ବୋଲି ବର୍ଣ୍ଣନା କରିଥିଲେ। ବରୀ ବ୍ଲକ୍ ଶିକ୍ଷା ଅଧିକାରୀ ଭିକାରି ଚରଣ କବି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଜେନାଙ୍କୁ ତାଙ୍କ ପେନସନ ପତ୍ର ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପର୍ଶୁରାମ ଦାସ ସଭାରେ ସଭାପତିତ୍ୱ କରିଥିବାବେଳେ ଶିକ୍ଷାବିତ ରବୀନ୍ଦ୍ର ନାୟକ ସଭା ସଞ୍ଚାଳନ କରିଥିଲେ। ବରେଣ୍ୟ ଅତିଥି ଭାବେ ଶିକ୍ଷକ ନେତା ତଥା ସାମାଜିକ କର୍ମୀ ଗଗନ ବିହାରୀ ଜେନା, କପିଳ ଚରଣ ସାମଲ, କର୍ଣ୍ଣଚନ୍ଦ୍ର ଘଡ଼ାଇ, ମକର ଚରଣ ଘଡ଼ାଇ, ଡ. ପ୍ରଭଞ୍ଜନ ପତି, ହରିଶ ଚନ୍ଦ୍ର ମହାରଣା, ସିଆରସିସି ନର୍ମଦା ପ୍ରଧାନ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ପୂର୍ବତନ ପ୍ରଶାସକ ଈଶ୍ୱର ଚନ୍ଦ୍ର ଜେନା ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱଆରୋପ କରିଥିଲେ। ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା ବିଦଗ୍ଧା ଅନୁଷ୍ଠାନ ତରଫରୁ ବିଦଗ୍ଧ କବିଙ୍କ ତୈଳଚିତ୍ର ଓ ଉପଢୌକନ ଦେଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ତଥା ଗାୟକ ଗୁନଚରଣ ନାୟକ, ଶିକ୍ଷକ ହରିଶ୍ଚନ୍ଦ୍ର ଦାସ, ପୁରାତନ ଛାତ୍ର ସୁନିଲ ପଣ୍ଡା, ସୁବାଶିଷ ସାମଲ, ମାନସ କୁମାର ଜେନା, ବାପି ନାୟକ, ଅଭିନ୍ନ ସୁନ୍ଦର ଲେଙ୍କା, ଉପେନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗଦାନ କରି ଶିକ୍ଷକ ଜେନାଙ୍କୁ ନିଜର ଶ୍ରଦ୍ଧାର୍ଘ୍ୟ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ ଗୁରୁବନ୍ଦନା ଗାନ କରିବା ସହିତ ନିଜର ବକ୍ତବ୍ୟ ରଖିଥିଲେ। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା।



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ରବିଲାବଣ୍ୟ ସ୍ମାରକୀ କ୍ରିକେଟ୍: ସୁନ୍ଦରିଆ ଟିମ୍ ଚାମ୍ପିୟନ



ଅତିଥି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ଧର୍ମଶାଳା, ୨।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ଜୀଉ ଖେଳପଡ଼ିଆଠାରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରିଆ ଟିମ୍ ଚାମ୍ପିୟନ ହୋଇଛି।

ଏମ୍‌ସିସି କଣ୍ଟିଗଡ଼ିଆ ଏବଂ ଏନ୍‌ଏଲ୍‌ୱାଇସି ସୁନ୍ଦରିଆ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କଣ୍ଟିଗଡ଼ିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ଜବାବରେ ସୁନ୍ଦରିଆ ଦଳ ୩ ଉଇକେଟ ହରାଇ ୧୧ ଓଭରରେ ୧୭୯ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୂର୍ବାହ୍ନରେ ୨ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମିର୍ଜାପୁର ଏବଂ ସୁନ୍ଦରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରିଆ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗଙ୍ଗାଧରପୁର ଏବଂ କଣ୍ଟିଗଡ଼ିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ କଣ୍ଟିଗଡ଼ିଆ ବିଜୟୀ ହୋଇ ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା।

ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱରୁପାନନ୍ଦ ପଣ୍ଡା ମୁଖ୍ୟଅତିଥି ଏବଂ ବିଶିଷ୍ଟ ସାମାଜିକ କର୍ମୀ ମିନତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ଚାମ୍ପିୟନ ଟ୍ରଫି ଓ ପରାଜିତ ଟିମ୍‌କୁ ରନସ୍ ଅପ ଟ୍ରଫ୍ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଖେଳକୁ ଗୋକୁଳାନନ୍ଦ ମହାପାତ୍ର, ମୃତ୍ୟୁଞ୍ଜୟ ବରାଳ, ହଳଧର ଓଝା ପରିଚାଳନା କରିଥିଲେ। ଅମ୍ବିତ ସାମଲ ଶ୍ରେଷ୍ଠ ଫିଲ୍‌ଡର ତଥା ମ୍ୟାନ୍ ଅଫ ଦି ସିରିଜ, ସିପୁନ କୁମାର ପାଣ୍ଡିଆ ଶ୍ରେଷ୍ଠ ବୋଲର, ଅପୂର୍ବ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସାଗର କୁମାରଙ୍କୁ ଶ୍ରେଷ୍ଠ ବ୍ୟାଷ୍ଟସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

# ଦୁର୍ବଳ ନଦୀବନ୍ଧ ମରାମତି ହେଉନି

**ଯାଜପୁର ସଦର, ୨।୩(ସମର ବିଜୟ ଶରଣ):**

## ଯାତାୟାତ ବାଧାପ୍ରାପ୍ତ

ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ରାଜଘାଟଠାରୁ ଷଠିଆଟିକିରି ନଦୀବନ୍ଧ ରାସ୍ତା ଖରସ୍ରୋତା ସେତୁ ନିକଟରୁ ଦରାଜପୁରକୁ ସଂଯୋଗ କରୁଛି। ଷଠିଆଟିକିରିରେ ବସବାସ କରୁଥିବା ଲୋକଙ୍କ ପାଇଁ ରାଜଘାଟ ବାଟେ ହରିପୁର ହାଟ, ବରୁଆଁ ଛକ, ସୁଜନପୁର, ସଦର ଥାନାକୁ ଯିବାକୁ ମାତ୍ର ତିନି କିଲୋମିଟର ହେବ। ମାତ୍ର ରାସ୍ତା ଖରାପ ଯୋଗୁ ସେଠାକାର ଲୋକେ ବାଧ୍ୟହୋଇ ସିମିଳିଆ, ବୁଢ଼ାଘାଟ ହୋଇ ବରୁଆଁକୁ ୧୦ କିଲୋମିଟର ଦେଇ ଯିବାକୁ ପଡୁଛି। ପୂର୍ବ ସରକାର ଏହି ଅଞ୍ଚଳର ଗମନାଗମନ ପାଇଁ ଏକ ନୂତନ ବ୍ରିଜ ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ସେହିପରି ନଦୀବନ୍ଧକୁ ଗତ ଦୁଇ ବର୍ଷ ମଧ୍ୟରେ ଜଳସେଚନ ବିଭାଗ ପକ୍ଷରୁ ମରାମତି କରାଯାଇନାହିଁ। ଫଳରେ ନଦୀବନ୍ଧରେ ଲୋକେ ଚଳପ୍ରଚଳ କରିବାଦ୍ୱାରା ବନ୍ଧ ପାର୍ଶ୍ୱରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। କେତେକ ସ୍ଥାନରେ କୋକିଶିଆଳ ଗର୍ତ୍ତ କରି ରହିଛନ୍ତି। ଏହା ବିପଦର କାରଣ ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନଜର ପଡୁନାହିଁ। ଲୋକେ ଯାତାୟାତ ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଜିଲା ପ୍ରଶାସନ ନଦୀବନ୍ଧକୁ ଯାଞ୍ଚ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧ ମରାମତି କରି ଲୋକଙ୍କ ଗମନାଗମନର ଅସୁବିଧା ଦୂର କରିବାକୁ ଦାବି ହୋଇଛି।



ରାଜଘାଟଠାରୁ ଷଠିଆଟିକିରି ନଦୀବନ୍ଧ ରାସ୍ତାରେ ଗର୍ତ୍ତ।

# ୧୯୭୯ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଦଶରଥପୁର, ୨।୩ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଅନ୍ତର୍ଗତ ଗରିବ ବନ୍ଧୁ ଉଚ୍ଚ ବିଦ୍ୟାଳୟ ୧୯୭୯ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ରବିବାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରବୋଧ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଶରତ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସାଧୁଚରଣ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଅନନ୍ତ କିଶୋର ଶତପଥୀ ଯୋଗଦେଇଥିଲେ। ପ୍ରାକ୍ତନ ଛାତ୍ରୀ କାନନବାଳା ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ପୂର୍ବତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗୋପବନ୍ଧୁ ତ୍ରିପାଠୀ, ଅନନ୍ତ କିଶୋର ଶତପଥୀ, ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ବୈକୁଣ୍ଠ ନାଥ ନାୟକଙ୍କୁ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ବନ୍ଧୁମିଳନ ଅବସରରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର।

ସେହିପରି ପ୍ରଧାନଶିକ୍ଷକ ପ୍ରବୋଧ କୁମାର ପାତ୍ର, ଶିକ୍ଷକ ଆଶିଷ କୁମାର ବଳ, ଚକ୍ରଧର ନାୟକ, ଦେବେନ୍ଦ୍ର ଦାସ ଓ ହୈମବତୀ ନନ୍ଦିନୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଚର ମନୋଜ କୁମାର ନାୟକ, କୃଷ୍ଣଚନ୍ଦ୍ର ସାହୁ, ଆଲୋକ ମିଶ୍ର, କାନନ ମହାନ୍ତି, ସ୍ୱର୍ଣ୍ଣଲତା ଷଡ଼ଙ୍ଗୀ, ପୁଷ୍ପଲତା ଷଡ଼ଙ୍ଗୀ, ଉର୍ମିଳା ସାମଲ, ପଦ୍ମଲୋଚନ ରାଉତ, ରସାନନ୍ଦ ଦାସ, ଲକ୍ଷ୍ମୀକାନ୍ତ ମଲ୍ଲିକ, ହରିହର ସ୍ୱାଇଁ, ଅଜୟ ଶତପଥୀ, କମଳାକାନ୍ତ ରାଉତ, ଗତିକୃଷ୍ଣ ରାଉତ, ଅରବିନ୍ଦ କୁଅଁର ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ କୁମାର ସାମଲ ଏବଂ କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ।

# ୭ରେ ଧାରଣାକୁ ଓହ୍ଲାଇବ ପାଚିକାପାଚକ ସଂଘ

**ରସୁଲପୁର, ୨।୩(ରଞ୍ଜିତ ରାଉତ):**



ବୈଠକରେ ସାମିଲ ହୋଇଥିବା ପାଚିକା ପାଚକ ସଂଘର କର୍ମକର୍ତ୍ତା।

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତସ୍ଥିତ ନେତାଜୀ ଶ୍ରମିକ ସଂଘ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକାପାଚକ ସଂଘ ରସୁଲପୁର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ପାଚିକାପାଚକ ମହାସଂଘ ସହବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ମିଳିତ ଉଦ୍ୟମରେ ସଂଘ ପକ୍ଷରୁ ଆସନ୍ତା ୭ ତାରିଖରେ ହାଣ୍ଡିଛାଡ଼ ଆନ୍ଦୋଳନ ମାଧ୍ୟମରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବ୍ଲକ ସଂଘ ସଭାପତି ବାସନ୍ତି ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ତଥା ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକାପାଚକ ରାଜ୍ୟ ସଂଘ ମୁଖ୍ୟ ସଂଯୋଜକ ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ଭାବରେ ରସୁଲପୁର ବ୍ଲକ ସଂଯୋଜକ ଧୀରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବରେ ବଂଶୀଧର ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିଚାଳନା ଦାୟିତ୍ୱରେ ଥିବା ପାଚିକାପାଚକଙ୍କ ସମସ୍ୟା ଆଲୋଚନା କରିଥିଲେ।

୨୭ବର୍ଷଧରି ମଧ୍ୟାହ୍ନଭୋଜନ ପରିଚାଳନା କରିଆସୁଥିବା ମହିଳାଙ୍କୁ ସ୍ଥାୟୀ ନିଯୁକ୍ତି, ପରିଚୟପତ୍ର, ସର୍ବନିମ୍ନ ମଜୁରି ୪୫୨ଟଙ୍କା ହାରରେ ମାସିକ ୧୩,୫୦୦ଟଙ୍କାରୁ ଊର୍ଦ୍ଧ୍ୱ ଦରମା, ପାଚିକାପାଚକଙ୍କୁ ବିଦ୍ୟାଳୟ ପରିଚାଳନା କମିଟିରୁ ନିୟନ୍ତ୍ରଣମୁକ୍ତ କରିବା ସହ ସେମାନଙ୍କ ନିଯୁକ୍ତି ପ୍ରଦାନ ଓ ପ୍ରତ୍ୟାହର ଦାୟିତ୍ୱ ସରକାର ଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା, ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପାଚିକାପାଚକଙ୍କୁ କାର୍ଯ୍ୟରୁ ଅବସର ନେବା ପରେ ତାଙ୍କ ସ୍ଥାନରେ ସେମାନଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା, ପାରିଶ୍ରମିକ ରାଶି ମାସର ପ୍ରଥମ ସପ୍ତାହ ମଧ୍ୟରେ ସେମାନଙ୍କ ଜମାଖାତାକୁ ପୈଠ କରିବା, ପାଚିକାପାଚକଙ୍କୁ ବର୍ଷକୁ ୧୦ ମାସ ବଦଳରେ ୧୨ ମାସ ଦରମା ପ୍ରଦାନ କରିବା ଆଦି ଦାବିପୂରଣ ନେଇ ଧାରଣା ଦିଆଯିବ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ସଂଘ କାର୍ଯ୍ୟକର୍ତ୍ତା ଅନୁସୂୟା ନାୟକ, ସଂଯୁକ୍ତା କାଣ୍ଡି, ଶିଶିର ସାହୁ, ଅମ୍ବିକା ବରାଳ, ସୁମିତ୍ରା ରାଉଳ, ଭାରତୀ ଦାସ, ବିଳାସି ସାହୁ, ରମା ପଣ୍ଡା, ସରସ୍ୱତୀ ପାତ୍ର, ପ୍ରମିଳା ବଳ, ଜୟନ୍ତୀ ମଲିକ, କୁନ୍ତଳା ସାମଲ, ନୂତନ ନାୟକ ଓ ଲତା ସାହୁଙ୍କ ସମେତ ୨୮ ପଞ୍ଚାୟତରେ ଥିବା ସଂଘର କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ମାର୍ଚ୍ଚ ୨୯ରେ ଓକିଲ ସଂଘ ନିର୍ବାଚନ

**ଜଗତସିଂହପୁର, ୨।୩ (ପ୍ରମୋଦ ନାୟକ)**

ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶାଙ୍କ ନିର୍ଦ୍ଦେଶନାମା ଅନୁସାରେ ଆସନ୍ତା ୨୯ରେ ଜିଲା ଓକିଲ ସଂଘ, ଜଗତ୍‌ସିଂହପୁର ସମେତ ସାରା ରାଜ୍ୟରେ ଥିବା ସମସ୍ତ ବାର୍ ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହେବ। ୨୦୨୫-୨୬ ବର୍ଷ ନିମନ୍ତେ ଅନୁଷ୍ଠିତ ହେବାକୁଯାଉଥିବା ଏହି ନିର୍ବାଚନ ପାଇଁ ମାର୍ଚ୍ଚ ୫ରୁ ୭ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିବା ସମୟ ରହିଛି । ମାର୍ଚ୍ଚ ୯ରେ ନାମାଙ୍କନପତ୍ର ଯାଞ୍ଚ ଓ ୧୨ ରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି । ୧୩ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ମାର୍ଚ୍ଚ ୨୯ ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଦାନ ସମୟ ରହିଛି । ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭହୋଇ ବିଜୟୀ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ। ଜିଲା ଓକିଲ ସଂଘ ଜଗତ୍‌ସିଂହପୁରର ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ୭ ଜଣ କାର୍ଯ୍ୟକାରିଣୀ ସଦ୍ୟପଦ ପାଇଁ ଏହି ନିର୍ବାଚନ ଅନୁଷ୍ଠିତ ହେବ। ଜିଲା ଓକିଲ ସଂଘ, ଜଗତ୍‌ସିଂହପୁରର ୩୫୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଏହି ଭୋଟଦାନ ପ୍ରକ୍ରିୟାରେ ଭାଗନେବେ। ନିର୍ବାଚନ ପରିଚାଳନା ପାଇଁ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଛି।

### ନିଉଟ୍ରିଶନ କିଟ୍ ବଣ୍ଟନ

**କୁଜଙ୍ଗ, ୨।୩(ମନୋଜ ପ୍ରଧାନ)**

ଭାରତୀୟ ତୈଳ ନିଗମ ପକ୍ଷରୁ କୁଜଙ୍ଗ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଥିବା ଶିଶୁମାନଙ୍କ ପୁଷ୍ଟି ସାଧନ ନିମନ୍ତେ ପୁଷ୍ଟିସାରଯୁକ୍ତ ଖାଦ୍ୟପୁଡ଼ିଆ ଯୋଗାଇ ଦିଆଯାଉଛି। ଏହି କ୍ରମରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠ ପଢୁଥିବା ଶିଶୁମାନଙ୍କ ନିମନ୍ତେ ଯୋଗାଇ ଦିଆ ଯାଇଥିବା ନିଉଟ୍ରିଶନ କିଟ୍‌କୁ ବାଲିଆ ସରପଞ୍ଚ ସରୋଜିନୀ ନାୟକ ଶିଶୁମାନଙ୍କୁ ବଣ୍ଟନ କରିଛନ୍ତି । ଏହି କିଟ୍ ବଣ୍ଟନ ଉତ୍ସବରେ ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ।ଏହି କିଟ୍‌ରେ ଶିଶୁ ଖାଦ୍ୟ ଅମୁଲ, ବିସ୍କୁଟ ଓ ଅନ୍ୟାନ୍ୟ ପୁଷ୍ଟିଯୁକ୍ତ ଖାଦ୍ୟ ଥିବା ଜଣାପଡ଼ିଛି।

# ମାଟି ରାସ୍ତାକୁ କଂକ୍ରିଟ୍ କରିବାକୁ ଦାବି

**ପାଣ୍ଡରା ଆରଡି ରୋଡ ଠାରୁ ବ୍ରାହ୍ମଣବାଡି ହରିଜନ ସାହି ରାସ୍ତା**

- ବର୍ଷା ହେଲେ ଅବସ୍ଥା ବେହାଲ
- ମିଳିପାରୁନି ଜରୁରିକାଳୀନ ସେବା
- ସ୍କୁଲ, ଅଙ୍ଗନୱାଡିକୁ ଛାତ୍ରୀଛାତ୍ର ଯାତାୟାତ କରନ୍ତି

**ରଘୁନାଥପୁର, ୨।୩(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ପଞ୍ଚାୟତ ଅନ୍ତର୍ଗତ ୯ନଂ. ୱାର୍ଡ ପାଣ୍ଡରା ଆରଡି ରୋଡଠାରୁ ବ୍ରାହ୍ମଣବାଡି ହରିଜନ ସାହି ପର୍ଯ୍ୟନ୍ତ ୫୦୦ମିଟର ମାଟି ରାସ୍ତାକୁ କଂକ୍ରିଟ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘଦିନ ଧରି ଏହି ରାସ୍ତାଟି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଦୈନନ୍ଦିନ ଏହି ମାଟି ରାସ୍ତା ଦେଇ ଅଙ୍ଗନୱାଡି ଓ ସ୍କୁଲକୁ ଛାତ୍ରୀଛାତ୍ରମାନେ ଯାତୟାତ କରିଥାନ୍ତି। ଏହାଛଡା ସ୍ଥାନୀୟ ହରିଜନ ସାହି ଲୋକମାନଙ୍କ ଏହି ରାସ୍ତା ଚଲାବାଟ ଅଟେ। ଗ୍ରାମର ମହିଳା ଓ ପୁରୁଷମାନେ ନିକଟସ୍ଥ ମନ୍ଦିରକୁ ମଧ୍ୟ ଏହି ରାସ୍ତା ଦେଇ ଯାଇଥାନ୍ତି। ତେବେ ଅଦିନିଆ ବର୍ଷା କିମ୍ୱା ବର୍ଷା ଋତୁରେ ରାସ୍ତା ଅବସ୍ଥା ବେହାଲ ହୋଇଯାଏ।

ସ୍କୁଲ ଓ ଅଙ୍ଗନୱାଡିକୁ ଯାଉଥିବା ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ମାଟିକାଦୁଅରେ ପଶି ଯାତୟାତ କରିବାକୁ ବାଧ୍ୟ ହୋଇଥାନ୍ତି। ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଗ୍ରାମ ଭିତରକୁ ପଶିପାରେନି ବୋଲି ସ୍ଥାନୀୟ ଅଧିବାସୀ କୈଳାସ ରାୟ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନକୁ ରାସ୍ତା ସମ୍ପର୍କରେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ରାସ୍ତାରେ ନାଲି ମୋରମ ଗଣ୍ଡେ ପକାଯାଉନାହିଁ ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ୧୫୦ ପରିବାରଙ୍କ ଯାତାୟାତ ସୁବିଧାକୁ ହୃଦୟଙ୍ଗମ କରି ଉକ୍ତ ରାସ୍ତାକୁ କଂକ୍ରିଟ୍ କରିବାକୁ ରଞ୍ଜନ ସାହୁ, ଦୈତାରି ସେଠୀ, ସୁଦର୍ଶନ ପରିଡା, ଗୌରାଙ୍ଗ ସାହୁ, ଶୁକଦେବ ସେଠୀ, ସ୍ମୃତିରଞ୍ଜନ ନାୟକ, ବୀଣାପାଣି ରାଉତଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏ ସମ୍ପର୍କରେ ଖବର ନ ଥିବା ଏବଂ ଲିଖିତ ଅଭିଯୋଗ ଆସିଲେ ପଞ୍ଚାୟତ କିମ୍ବା ବ୍ଲକ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବିଡିଓ ବିରଞ୍ଚି ନାରାୟଣ ବେହେରା ପ୍ରକାଶ କରିଛନ୍ତି।



ବ୍ରାହ୍ମଣବାଡି ହରିଜନ ସାହି କଂକ୍ରିଟ୍ ହୋଇ ନ ଥିବା ରାସ୍ତା।

# ସେବାରୁ ଅନ୍ତର ଏକ ଚିରନ୍ତନ ପ୍ରକ୍ରିୟା

**ରଘୁନାଥପୁର, ୨।୩(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ମଧୁସୂଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ସଂଘ (ପିଷ୍ଟା) ଓ ଏକ୍ସ କ୍ୟାଡ୍ର ଶିକ୍ଷକ ସଂଘ ପକ୍ଷରୁ ଦୁଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେମାନେ ହେଲେ ଏରଣ୍ଡପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାବେରୀ ରାଉତ ଓ କଣ୍ଟାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ରଘୁନାଥପୁର ବ୍ଲକ ପିଷ୍ଟା ସଭାପତି ଦେବାଶିଷ ବେହେରା ପୌରୋହିତ କରିଥିଲେ। ଏଥିରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେବାରୁ ନିବୃତ୍ତ ଏକ ଚିରନ୍ତନ ପ୍ରକ୍ରିୟା ଏବଂ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହା ଆସିଥାଏ। ତେବେ କାର୍ଯ୍ୟରୁ ଅନ୍ତର ହେବା ମାନସିକ ବ୍ୟାଧି ନୁହେଁ ବୋଲି ଶିକ୍ଷାଧିକାରୀ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ଆଶୁତୋଷ ବାନାର୍ଜୀ ଅବସର ପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ରଜନୀକାନ୍ତ ରାୟ, ରଘୁନାଥପୁର ପ୍ରାଥମିକ ସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା, ଅଲୋସ୍ତା କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ପଣ୍ଡା ଓ ବାଲିକୁଦା ବ୍ଲକ ସଭାପତି ବିସ୍ମୟ କୁମାର ମଲ୍ଲ,କର୍ମକର୍ତ୍ତା ରାମଚନ୍ଦ୍ର ଶତପଥୀ ଓ ପ୍ରଫୁଲ୍ଲ ଷଡଙ୍ଗୀ ପ୍ରମୁଖ ଉପସ୍ଥିତଥିଲେ।

ଏହି ଅବସରରେ କାବେରୀ ଓ ଶ୍ରଦ୍ଧାଞ୍ଜଳିଙ୍କୁ ଶିକ୍ଷକ ସଂଘ ଓ ସହଯୋଗୀ ଶିକ୍ଷକଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ଶିକ୍ଷକ ସଂଘରେ ଯୋଗ ଦେଇଥିବା ନୂତନ ଶିକ୍ଷକଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଆରସିସି ବିରୁପାକ୍ଷ ସେଠୀ ଅତିଥି ପରିଚୟ ଏବଂ ସିଆରସିସି ଦିଲ୍ଲୀପ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସିଆରସିସି ସୁବାଷ ଚନ୍ଦ୍ର ଦାସ, ତରୁଣ କୁମାର ଜେନା, ଚତୁର୍ଭୁଜ ନାୟକ, ଭାସ୍କର ମୁଦୁଲି, ଚିନ୍ମୟ ରଥ, ନିର୍ମଳେନ୍ଦୁ ସୋମ, ରବିନାରାୟଣ ଡା. ସୁକାନ୍ତ କୁମାର ଦ୍ୱିବେଦୀ, ସଞ୍ଜୟ ସ୍ୱାଇଁ, ନିରଞ୍ଜନ ସାହୁ, ରତ୍ନାକର ବେହେରା, ବିଶ୍ୱନାଥ ଦାସ, ଯଶୋବନ୍ତି ରାଉତ ପ୍ରମୁଖ ସହଯୋଗ କରିଥିଲେ।





ନୂତନ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# 'ଶ୍ରମିକଙ୍କ ସମସ୍ୟା, ନିରାକରଣ ଉପରେ ପଦକ୍ଷେପ ନିଅ'





ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ବିଏମ୍‌ଏସ୍‌ର ରାଷ୍ଟ୍ରୀୟ ସମ୍ମିଳନୀ ଉଦ୍‌ଯାପିତ

**ପାରାଦୀପ, ୨।୩(ଶରତ ରାଉତ)**

ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ସଂଘ(ବିଏମ୍‌ଏସ୍)ର ଦୁଇଦିନିଆ ରାଷ୍ଟ୍ରୀୟ ତ୍ରୈବାର୍ଷିକ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ଆଗାମୀ ୩ ବର୍ଷ ପାଇଁ ଖସଡ଼ା ପ୍ରସ୍ତୁତ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ଜୀ ହିମତେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜାତୀୟ ନେତୃତ୍ୱ ଚନ୍ଦ୍ରକାନ୍ତ ଧୂମାଲ, ଭି.ଏନ୍. ଚାୱଡା, ପୃଥ୍ୱୀରାଜ ପଣ୍ଡା, ସୁରେଶ ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେଶର ସବୁ ପୋର୍ଟରେ କାମ କରୁଥିବା ଶ୍ରମିକମାନଙ୍କ ସମସ୍ୟା ଓ ତା'ର ନିରାକରଣ ଉପରେ ଖସଡ଼ା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଅତିଥି ହିମତେ ଆହ୍ୱାନ ଦେଇଥିଲେ। ଏଥିସହ ବିଏମ୍‌ଏସ୍‌ର ପରବର୍ତ୍ତୀ ୩ ବର୍ଷିଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ପାରାଦୀପ ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟ, ଉପସଭାପତି ସୁଧିର ତିୱାରୀ, ସଞ୍ଜୟ ଧାନ୍ଦୋଳ, ସାଧାରଣ ସମ୍ପାଦକ ସୁରେଶ କୁମାର ପତି, ସମ୍ପାଦକ ବିଘ୍ନେଶ ନାୟକ, କେ.କେ ବିଜୟନ, ଯୁଗ୍ମ ସମ୍ପାଦକ ଏସ୍.ଏସ୍. ଶିଲାକେ, ସଞ୍ଜିତା ରାଉତରାୟ, ବିଜୟ ସିଂହ ଓ କୋଷାଧ୍ୟକ୍ଷ ଭାବେ ସୁଧିର ହରିବାବୁ ଘାରାତ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ସଭାପତି ରାକେଶ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

# ଦୁର୍ବଳ ନଦୀବନ୍ଧ ମରାମତି ହେଉନି

**ଯାଜପୁର ସଦର, ୨।୩ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ରାଜଘାଟଠାରୁ ଷଠିଆଟିକିରି ନଦୀବନ୍ଧ ରାସ୍ତା ଖରସ୍ରୋତା ସେତୁ ନିକଟରୁ ଦରାଜପୁରକୁ ସଂଯୋଗ କରୁଛି। ଷଠିଆଟିକିରିରେ ବସବାସ କରୁଥିବା ଲୋକଙ୍କ ପାଇଁ ରାଜଘାଟ ବାଟେ ହରିପୁର ହାଟ, ବରୁଆଁ ଛକ, ସୁଜନପୁର, ସଦର ଥାନାକୁ ଯିବାକୁ ମାତ୍ର ତିନି କିଲୋମିଟର ହେବ। ମାତ୍ର ରାସ୍ତା ଖରାପ ଯୋଗୁ ସେଠାକାର ଲୋକେ ବାଧ୍ୟହୋଇ ସିମିଳିଆ, ବୁଢାଘାଟ ହୋଇ ବରୁଆଁକୁ ୧୦ କିଲୋମିଟର ଦେଇ ଯିବାକୁ ପଡୁଛି। ପୂର୍ବ ସରକାର ଏହି ଅଞ୍ଚଳର ଗମନାଗମନ ପାଇଁ ଏକ ନୂତନ ବ୍ରିଜ ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ସେହିପରି ନଦୀବନ୍ଧକୁ ଗତ ଦୁଇ ବର୍ଷ ମଧ୍ୟରେ ଜଳସେଚନ ବିଭାଗ ପକ୍ଷରୁ ମରାମତି କରାଯାଇନାହିଁ। ଫଳରେ ନଦୀବନ୍ଧରେ ଲୋକେ ଚଳପ୍ରଚଳ କରିବାଦ୍ୱାରା ବନ୍ଧ ପାର୍ଶ୍ୱରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। କେତେକ ସ୍ଥାନରେ କୋକିଶିଆଳ ଗର୍ତ୍ତ କରି ରହିଛନ୍ତି। ଏହା ବିପଦର କାରଣ ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନଜର ପଡୁନାହିଁ। ଲୋକେ ଯାତାୟାତ ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଜିଲା ପ୍ରଶାସନ ନଦୀବନ୍ଧକୁ ଯାଞ୍ଚ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧ ମରାମତି କରି ଲୋକଙ୍କ ଗମନାଗମନର ଅସୁବିଧା ଦୂର କରିବାକୁ ଦାବି ହୋଇଛି।

# ମା'ବୁଢ଼ୀ ଜାଗୁଳାଇଙ୍କ ପୀଠରେ ନବରାତ୍ର ନାମଯଜ୍ଞ

**ଡେରାବିଶ, ୨।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ା ଗ୍ରାମର ଆରାଧ୍ୟ ଦେବୀ ମା'ବୁଢ଼ୀ ଜାଗୁଳାଇଙ୍କ ପୀଠରେ ଚତୁର୍ଦ୍ଦଶତମ ବାର୍ଷିକ ବିଶ୍ୱଶାନ୍ତି ନବରାତ୍ର ନାମ ଯଜ୍ଞର ଶୁଭାଧିବାସ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ନିକଟସ୍ଥ ଲୁଣା ନଦୀରୁ କଳସ ଶୋଭାଯାତ୍ରା ବାହାରି ଯଜ୍ଞସ୍ଥଳରେ ଘଟ ସ୍ଥାପନ କରାଯାଇଥିଲା। ଶୁକ୍ରବାରଠାରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ନାମଯଜ୍ଞ ଓ ହରିହାଟ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟାରେ ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ୯ ଦିନ ବ୍ୟାପୀ ହେବାକୁ ଥିବା ଏହି ନାମଯଜ୍ଞକୁ ଅନୁଆପଡା ଓ ହରିପୁର ଗ୍ରାମର ଗ୍ରାମବାସୀ ପରିଚାଳନା କରୁଛନ୍ତି।



ନାମଯଜ୍ଞ ପାଇଁ ନଦୀରୁ ପାଣି ଉଠାଯାଉଛି।

# ବକେୟା ଦରମା ମିଳିବାକୁ ଘୋଷଣା ପରେ ବିଧାୟକଙ୍କୁ କୃତଜ୍ଞତା

**ଜଗତ୍‌ସିଂହପୁର, ୨।୩ (ପ୍ରମୋଦ ନାୟକ)**

ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଜିଲାର ଆଠ ବ୍ଲକର ବ୍ୟାଙ୍କ ମିତ୍ର ଓ ଏମ୍‌ବିକେମାନେ ରବିବାର ତାଙ୍କ ବାସଭବନରେ ଭେଟି କୃତଜ୍ଞତା ଜଣାଇଛନ୍ତି। ଏମ୍‌ବିକେ, ବ୍ୟାଙ୍କ ମିତ୍ରମାନେ ସେମାନଙ୍କ ଦୀର୍ଘଦିନର ବକେୟା ଦରମା ପାଇ ପାରୁ ନ ଥିଲେ। ଏ ସମ୍ପର୍କରେ ଜଗତ୍‌ସିଂହପୁର ବିଧାୟକଙ୍କୁ ପୂର୍ବରୁ ଭେଟି ସେମାନଙ୍କ ବକେୟା ଦରମା ପାଇବା ସମ୍ପର୍କରେ ଦାବି କରିଥିଲେ। ବିଧାୟକ ଅମରେନ୍ଦ୍ର ଏନେଇ ପ୍ରତିଶ୍ରୁତି ଦେବାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ। ଏହା ପରେ ସରକାର ଫେବୃଆରୀ ୧୪ରେ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ୧୦ ମାସର ବକେୟା ଦରମା ଦେବା ପାଇଁ ଘୋଷଣା କରିଥିଲେ। ଏଥିସହ ସେମାନଙ୍କ ପାରିଶ୍ରମିକ ବି ଏପ୍ରିଲ ମାସରୁ ବଢ଼ି ଦରମା ଦ୍ୱିଗୁଣିତ ହୋଇ ମିଳିବ ବୋଲି ସରକାର ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲିକୁଦାର ମଧୁସ୍ମିତା ସେନାପତି, ବିରିଡ଼ି ଉତ୍ତର ଶାସନର ମାଳତୀଲତା ଚୌଧୁରୀ, ଜଗତ୍‌ସିଂହପୁର ପୁନଙ୍ଗର ଦେବସ୍ମିତା ନନ୍ଦଙ୍କ ନେତୃତ୍ୱରେ ଜଗତ୍‌ସିଂହପୁର ବ୍ଲକର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ସମୂହ ବିଧାୟକ ଅମରେନ୍ଦ୍ରଙ୍କୁ ଭେଟି କୃତଜ୍ଞତା ଜଣାଇବା ସହ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।



ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଏମ୍‌ବିକେ, ବ୍ୟାଙ୍କ ମିତ୍ରମାନେ ଫୁଲତୋଡ଼ା ଦେଉଛନ୍ତି।

# ଅଜୟ କୁମାର ସାହୁ ସାମଗ୍ରିକ ଚାମ୍ପିୟନ

## ପାରାଦୀପରେ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ

**ପାରାଦୀପ, ୨।୩ (ଶରତ ରାଉତ)**

ପାରାଦୀପ ବଡ଼ପଡିଆ ଗଲ୍ଫ ପଡ଼ିଆରେ ରବିବାର ୨୪ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ଭାରତର ୯ଟି ଗଲ୍ଫ କ୍ଲବର ୭୭ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଗଲ୍ଫ କ୍ଲବର ଅଜୟ କୁମାର ସାହୁ ଏହି ଟୁର୍ନାମେଣ୍ଟରେ ସାମଗ୍ରିକ ଚାମ୍ପିୟନ ହୋଇଛନ୍ତି। ସେହିପରି ୦-୧୨ ହାଣ୍ଡିକାପ ବର୍ଗରେ ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ସୂତାର ଚାମ୍ପିୟନ ହୋଇଛନ୍ତି। ୧୩-୧୮ ହାଣ୍ଡିକାପ ବର୍ଗରେ ପାରାଦୀପର ଓସ୍କାର ଡୁମଡୁମ , ୧୯-୨୪ ହାଣ୍ଡିକାପରେ ଭୁବନେଶ୍ୱରର ଦେବୀପ୍ରସାଦ ରଥ ଏବଂ ମହିଳା ବର୍ଗରେ ଆଞ୍ଜେଲା ଡୁମଡୁମ ଚାମ୍ପିୟନ ହୋଇଛନ୍ତି। ସମସ୍ତ ବିଜେତାଙ୍କୁ ମଧୁବନ ଅଫିସର୍ସ କ୍ଲବରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ଏହାକୁ ପାରାଦୀପ ଗଲ୍ଫ କ୍ଲବ ଓ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବବଲୁ ସିକ୍‌ଦାର, ମନୋଜ କୁମାର ମହନ୍ତ, ଡାକ୍ତର ଦୁର୍ଗାପ୍ରସାଦ ସେଠୀ ପରିଚାଳନା କରିଥିଲେ।





ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଥିବା ଖେଳାଳିମାନେ।

# ମହିଳା, ନାବାଳିକାଙ୍କୁ ନ୍ୟାୟ ମିଳୁନାହିଁ

**ରଣ ଆଦାୟ ନାଁରେ ବ୍ୟାଙ୍କ କର୍ମଚାରୀଙ୍କ ଦୁର୍ବ୍ୟବହାର ମାମଲା**

**ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ହରିଜନ ଆଦିବାସୀ ଉନ୍ନୟନ ପରିଷଦ, ଡବ୍ଲୁଏଚ୍‌ଆର୍‌ପିଓ ଏବଂ ଓଜେୟୁ**

**ଜଗତ୍‌ସିଂହପୁର, ୨।୩ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଥାନା ଯଶୋବନ୍ତପୁର ଅଞ୍ଚଳର ଜଣେ ଅନୁସୂଚିତ ଜାତି ମହିଳା ଓ ତାଙ୍କ ନାବାଳିକା କନ୍ୟାଙ୍କୁ ଏକ ବ୍ୟାଙ୍କର ଅସୁଲି ପରିଚାଳକ (ରିକଭରି ମ୍ୟାନେଜର), ଶାଖା ପରିଚାଳକ ଓ ଆଞ୍ଚଳିକ ପରିଚାଳକ (ରିଜିଓନାଲ ମ୍ୟାନେଜର) ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ସଙ୍ଗିନ ଅଭିଯୋଗ ହୋଇଥିଲା। ଏନେଇ ମହିଳାଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ନଂ.୨୯୬/୭୪/୧୧୫(୨) /୩୩୩/୩୫୧(୩)/୩(୫) ଏବଂ ଅନୁସୂଚିତ ଜନଜାତି ଓ ଜାତି ନିର୍ଯାତନା ଆଇନ ୩(୧)(ଆର୍)/୩(୧) (ଏସ୍)/୩(୨)(ଭିଏ) ସହ ଶିଶୁ ନିର୍ଯାତନା ଆଇନ ୧୨ ବଳରେ ମାମଲା ନଂ.୬୬/୨୫ ରୁଜୁ ହୋଇଥିଲା। ମାମଲାର ତଦନ୍ତଭାର ଜଗତ୍‌ସିଂହପୁର ଏସ୍‌ଡିପିଓଙ୍କ ଉପରେ ନ୍ୟସ୍ତ ଅଛି। କିନ୍ତୁ ଏଥିମଧ୍ୟରେ ୧ ମାସ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ନିର୍ଯାତିତା ମହିଳାଙ୍କୁ ନ୍ୟାୟ ମିଳି ନ ଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ମହିଳା ଜଣକ କହିଛନ୍ତି, ସେ ଏ ସମ୍ପର୍କରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ଫୋରମରେ ନ୍ୟାୟ ପାଇଁ ନିବେଦନ କରିଥିଲେ ସୁଦ୍ଧା ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ସେ ଓ ତାଙ୍କ ପରିବାର ଭାଙ୍ଗିପଡ଼ିଛନ୍ତି।

ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାମୀ ୨୦୧୧ରେ ତତ୍କାଳୀନ ଜିଲାପାଳଙ୍କ ସୁପାରିସ କ୍ରମେ ଏକ ପ୍ରିଣ୍ଟିଂ ପ୍ରେସ୍ ପାଇଁ ଉକ୍ତ ବ୍ୟାଙ୍କର ଜଗତ୍‌ସିଂହପୁର ଶାଖାରୁ ୧୧ ଲକ୍ଷ ଟଙ୍କା ଋଣ ନେଇଥିଲେ। ଗତ ଜାନୁଆରୀ ୧୦ରେ ୨,୯୫,୦୦୦ ଟଙ୍କାରେ ଓଟିଏସ୍ (ୱାନ୍ ଟାଇମ୍ ସେଟଲମେଣ୍ଟ) ବିଷୟରେ ଶାଖା ଅସୁଲି ପରିଚାଳକ କହିଥିଲେ। ଯେହେତୁ ଦିଅରଙ୍କ ମୃତ୍ୟୁ କାରଣରୁ ସ୍ୱଳ୍ପ ସମୟ ମଧ୍ୟରେ ଏତେ ଟଙ୍କା ଯୋଗାଡ଼ କରିବା କଷ୍ଟକର ଥିଲା, ତେଣୁ ସ୍ୱାମୀ କିଛି ସମୟ ମାଗିଥିଲେ। ଜାନୁଆରୀ ୩୧ ସୁଦ୍ଧା ଓଟିଏସ୍ ରାଶି ପୈଠ କରିବେ ବୋଲି ତାଙ୍କ ସ୍ୱାମୀ ଜାନୁଆରୀ ୧୦ରେ ବ୍ୟାଙ୍କ ଶାଖା କାର୍ଯ୍ୟାଳୟରେ ପହଞ୍ଚି ପରିଚାଳକଙ୍କୁ ଲିଖିତ ଭାବେ ଦେଇଥିଲେ। ଏହା ଭିତରେ ଜମି ବନ୍ଧକ ରଖି ସ୍ୱାମୀ ୩ ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ ସମର୍ଥ ହେବାରୁ କାଳ ବିଳମ୍ବ ନ କରି ଜାନୁଆରୀ ୨୮ରେ ଅସୁଲି ପରିଚାଳକଙ୍କୁ ଏହି ରାଶି ଜମାକରି ଋଣ ପରିଶୋଧ ପାଇଁ କହିଥିଲେ। କିନ୍ତୁ ଅସୁଲି ପରିଚାଳକ ୧୮ ଲକ୍ଷ ଟଙ୍କାରେ ତୁମ ଘର ନିଲାମ ହୋଇଯାଇଥିବା କହିବା ସହ ଏହି ରାଶି ଜମାଦେଲେ ନିଲାମ ବାତିଲ କରିଦିଆଯିବ ବୋଲି ପ୍ରକାଶ କରିଥିଲେ। ଏତେ ଟଙ୍କା ଯୋଗାଡ଼ କରିବା ସ୍ୱାମୀଙ୍କ ପକ୍ଷେ ସହଜ ନ ଥିଲା। ଅନନ୍ୟୋପାୟ ହୋଇ ତାଙ୍କ ସ୍ୱାମୀ ଜାନୁଆରୀ ୨୯ରେ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ଏହି ଦିନ ରାତିରେ ଉପରୋକ୍ତ ୩ ଅଧିକାରୀ ଏକ ଧଳାକାରରେ ତାଙ୍କ ଘରପାଖରେ ପହଞ୍ଚି ଗେଟ୍ ବାଡ଼େଇଥିଲେ। ହଠାତ୍ ଗେଟ୍ ଖୋଲିବାରୁ ସେମାନେ ଜାତିକୁ ଆକ୍ଷେପକରି ପ୍ରଥମେ ଗାଳିଗୁଲଜ ଓ ପରେ ତୁରନ୍ତ ୧୮ ଲକ୍ଷ ଜମା କରିବାକୁ ଚେତାବନୀ ଦେଇଥିଲେ। ପ୍ରତିବାଦ କରିବାରୁ ଏହି ୩ ଜଣ ଟଣାଓଟରା କରିବା ସହ ଘର ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ବାଧାଦେବାରୁ ତଣ୍ଟିଆ ମାରିବାକୁ ମଧ୍ୟ ପଛାଇ ନ ଥିଲେ। ହଠାତ୍ ପାଟି ଶୁଣି ତାଙ୍କ ୧୨ ବର୍ଷର ଝିଅ ପହଞ୍ଚିଯିବାରୁ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ଏପରି କି ଟଙ୍କା ନ ମିଳିଲେ ଜୀବନରୁ ମାରିଦେବାକୁ ବ୍ୟାଙ୍କ କର୍ମଚାରୀମାନେ ଧମକ ଦେଇଥିବା ଅଭିଯୋଗକାରୀ ମହିଳା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଏହା ଉପରେ ଓଡ଼ିଶା ହରିଜନ ଆଦିବାସୀ ଉନ୍ନୟନ ପରିଷଦ, ୱାର୍ଲଡ୍ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅର୍ଗାନାଇଜେଶନ୍ (ଡବ୍ଲୁଏଚ୍‌ଆର୍‌ପିଓ) ଏବଂ ଓଜେୟୁ (ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ) ପକ୍ଷରୁ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ଚିଠି ମାଧ୍ୟମରେ ଅଭିଯୋଗକାରୀ ପରିବାରକୁ ନ୍ୟାୟ ପାଇଁ ହସ୍ତକ୍ଷେପ ଲୋଡ଼ିଛନ୍ତି।

# ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପାଇଁ ପ୍ରସ୍ତୁତି ଚର୍ଚ୍ଚା

## ନବୀନ ନିବାସରେ ବ୍ୟାସନଗରର ୧୭ କାଉନ୍‌ସିଲର

ଯାଜପୁର/ଯାଜପୁର ରୋଡ(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି),୨।୩

ଯାଜପୁର ଜିଲା ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଏବଂ କାଉନସିଲରମାନଙ୍କ ମଧ୍ୟରେ ବିବାଦ ପୁଣି ମୁଣ୍ଡ ଟେକିଛି। ସଙ୍ଗୀତା ବିଜେଡି ଟିକେଟରେ ପୌରାଧ୍ୟକ୍ଷା ଭାବେ ସିଧାସଳଖ ନିର୍ବାଚିତ ହୋଇଥିଲେ। କିନ୍ତୁ ବିଜେଡି କାଉନ୍‌ସିଲରମାନେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଅଣ୍ଟା ଭିଡ଼ିଥିବା ଚର୍ଚ୍ଚା ହେଉଛି। କାରଣ ପୌରାଧ୍ୟକ୍ଷା କୌଣସି ବିକାଶ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରୁ ନ ଥିବା ସେମାନେ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ୧୫ ଜଣ ବିଜେଡି ଏବଂ ୨ ଜଣ ସ୍ୱାଧୀନ କାଉନ୍‌ସିଲର ରବିବାର ନବୀନ ନିବାସ ଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି। ଅନ୍ୟପକ୍ଷେ ନିକଟରେ ଅନୁଷ୍ଠିତ ହୋଇଥିବା ବ୍ୟାସ ସରୋବର ମେଳାରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ କରି କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି। ବ୍ୟାସନଗରରେ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପା ଆଗାମୀ ପୌର ନିର୍ବାଚନକୁ ଦଳୀୟ ଶକ୍ତି ପ୍ରଦର୍ଶନର ମାଧ୍ୟମ କରିବେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଉଭୟ ଦଳରେ ତୀବ୍ର ଗୋଷ୍ଠୀ ବିବାଦ ଏଥିରେ ଅନ୍ତରାୟ ହେବା ଜଳଜଳ ହୋଇ ଦିଶୁଛି। ବର୍ତ୍ତମାନର ପୌର ପରିଷଦରେ କ୍ଷମତାସୀନ ବିଜେଡିରେ ତୀବ୍ର ଗୋଷ୍ଠୀ କନ୍ଦଳ ରହିଥିବାବେଳେ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱ ଭାଜପାକୁ ବଳ ଦେଉଛି। ରାଜ୍ୟରେ ପୌର ସଂସ୍ଥା ଅଧ୍ୟକ୍ଷ ନିର୍ବାଚନ ସିଧାସଳଖ ହେଉଥିବାରୁ ବର୍ତ୍ତମାନର କର୍ମଫଳ ଆଗାମୀ ନିର୍ବାଚନରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ଚର୍ଚ୍ଚା ହେଉଛି। ତେବେ ବ୍ୟାସ ସରୋବର ମେଳାକୁ ନେଇ ବିଜେଡିର ସମସ୍ତ କାଉନସିଲର ସ୍ୱର ଉତ୍ତୋଳନ କରୁଥିବାରୁ ରାଜ୍ୟ ଓ ଜିଲା ବିଜେଡି ନେତୃବର୍ଗଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

କାଉନ୍‌ସିଲରମାନଙ୍କ ଅଭିଯୋଗ ଅନୁସାରେ, ମହୋତ୍ସବ ଗତ ୮ ତାରିଖରେ ଆରମ୍ଭ ହେବା ସୂଚିତ କରାଯାଇଥିଲେ ମଧ୍ୟ ଆଇବଲ ପ୍ରାଇଭେଟ ଲିମିଟେଡ୍ ନାମକ ଠିକାସଂସ୍ଥା ୩ ଦିନ ପରେ ଆୟୋଜନର ସମସ୍ତ ପ୍ରସ୍ତୁତି ହସ୍ତାନ୍ତର କରିଥିଲା। ଏହି ଠିକାସଂସ୍ଥା ୫୦ ଓ ୪୦ ଫୁଟ ଆକାରର ଅସ୍ଥାୟୀ ଷ୍ଟେଜ୍ ନିର୍ମାଣ କରିଥିବା ବିଲ୍‌ରେ ଦର୍ଶାଇଛନ୍ତି। କିନ୍ତୁ ବାସ୍ତବରେ ପୂର୍ବରୁ ସ୍ଥାୟୀ କଂକ୍ରିଟ୍ ଷ୍ଟେଜ୍ ଅଛି ଓ ସେଠାରେ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା ବୋଲି କାଉନ୍‌ସିଲରମାନେ କହିଛନ୍ତି। ସେହିପରି ମଞ୍ଚର ପଛରେ ଉକ୍ତ ଠିକାସଂସ୍ଥା କୌଣସି ଫୁଲ, ବେଲୁନ, ଏଲଇଡି ସ୍କ୍ରିନ ଆଦି ଦେଇ ନ ଥିଲେ ଏବଂ ଶସ୍ତା କପଡା ଲଗାଇ କାମ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ମଞ୍ଚରେ ଓଡ଼ିଶାର ସ୍ୱନାମଧନ୍ୟ କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିବା ଉକ୍ତ ସଂସ୍ଥା ପକ୍ଷରୁ ଦର୍ଶାଯାଇଛି। ମାତ୍ର ସ୍ଥାନୀୟ କଳାକାର ଓ ସ୍କୁଲ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯେଉଁସବୁ କାର୍ଯ୍ୟକ୍ରମ ପାଇଁ ଠିକାସଂସ୍ଥା ଅର୍ଥ ଦାବି କରୁଛି ତା'ର ପ୍ରମାଣ ପ୍ରଦାନ କରନ୍ତୁ ବୋଲି କାଉନ୍‌ସିଲରମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ସେହିପରି ୩୦୦ ଅତିଥିଙ୍କୁ ଆତିଥେୟତା, ଜଳପାନ, ୬୬୦୦ ଚେୟାର, ୨୨୦ ଭିଆଇପି ସୋଫା, ସହରର ବିଭିନ୍ନ ସ୍ଥାନରେ ବିଜ୍ଞାପନ, ବକ୍ସ ଗେଟ୍, ହୋର୍ଡିଂ ଇତ୍ୟାଦି ଲଗାଇଥିବା ନେଇ ମିଥ୍ୟା ବିଲ୍ ପ୍ରସ୍ତୁତ କରି ଅର୍ଥ ଦାବି କରାଯାଉଛି। ଏହାବାଦ କାର୍ଯ୍ୟସ୍ଥଳରେ ସୁରକ୍ଷା କର୍ମୀ ମୁତୟନ ନାମରେ ମିଛ ବିଲ୍ କରାଯିବାକୁ ଉଦ୍ୟମ ହେଉଛି। ବିଲ୍ ପ୍ରଦାନ ପୂର୍ବରୁ ସବୁ ପ୍ରକାର ଯାଞ୍ଚ, ଅଡିଟ୍ କରାଯିବା ସହିତ ସବୁ ପ୍ରକାର ପ୍ରମାଣ ରଖିବାକୁ କାଉନ୍‌ସିଲରମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ପୌରସଂସ୍ଥାର ଅର୍ଥ ଅଯଥା ଶ୍ରାଦ୍ଧ ନ କରିବାକୁ ସେମାନେ ଉଲ୍ଲେଖ କରି ଦରଖାସ୍ତର ନକଲ ଗୃହ ଓ ନଗର ଉନ୍ନୟନ ବିଭାଗ, ଯାଜପୁର ଜିଲାପାଳ ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ସମେତ କାଉନସିଲର ମୋନାଲିସା ସାହୁ, ପାର୍ଥ ସାରଥି ନାୟକ, ଅଶୋକ ଦାସ, ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, କୁମୁଦିନୀ ରାଉତ, ଅଶୋକ କୁମାର ରାଉତ, ସରିତା ଜେନା, ରଶ୍ମିତା ଖୁଣ୍ଟିଆ, ଶିବାନନ୍ଦ ନାୟକ, ବୁଦୁନି ତୁରାଇ, ସନ୍ତୋଷ ବରାଳ, ବିଜୟ କୁମାର ଜେନା, ମନୀନ୍ଦ୍ର କୁମାର ସାହୁ, ଦିଲୀପ ସେଠୀ, କୁନି ହାଁସଦା, ଚୁନିଆ ନାୟକ, ସରୋଜିନୀ ନାୟକ, ଅରୁନ୍ଧତୀ ପରିଡ଼ା ପ୍ରମୁଖ ଅଭିଯୋଗରେ ସ୍ୱାକ୍ଷର କରିଛନ୍ତି। ଏନେଇ ସେମାନେ ନବୀନ ପଟ୍ଟନାୟକଙ୍କ ସହ ମଧ୍ୟ ଆଲୋଚନା କରିଥିବା ସୂଚନା ମିଳିଛି।


ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରୁଛନ୍ତି ବ୍ୟାସନଗର ପୌର ପରିଷଦର କାଉନ୍‌ସିଲରମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚିତ୍ରା



@ ଦିଲ୍ଲୀପ


@ ପୂର୍ଣ୍ଣମାସି


@ ସିଦ୍ଧାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁରନଗରସ୍ଥିତ ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ୨୩ତମ ବାର୍ଷିକ ଉତ୍ସବ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ବାଂଶୋରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଯାଜପୁର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଯାଜପୁର ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲ। ଶିକ୍ଷାଶ୍ରମ ସମ୍ପାଦକ ରାଜେଶ କୁମାର ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ଆଚାର୍ଯ୍ୟା ଲଳିତା ଶତପଥୀ, ରାଜେଶ୍ୱରୀ ସାହୁ, ଗୀତାରାଣୀ ସାହୁ, ସୁଶ୍ରୀ ରେଣୁକା ଦାଶ, ଜ୍ୟୋସ୍ନାରାଣୀ ମହାନ୍ତି, ଶାନ୍ତିଲତା ମିଶ୍ର, ସୁଶ୍ରୀ ସୁନିତା ପଣ୍ଡା, ଉତ୍କଳିକା ସ୍ୱାଇଁ, କଳ୍ପନା ପଣ୍ଡା, ସୁଭଦ୍ରା ମିଶ୍ର, ପ୍ରଭାସିନୀ ବେହେରା, ସୁଶ୍ରୀ ରୁନା ବାରିକ, ସୁଶ୍ରୀ ଯଜ୍ଞ ପତି ଓ ଅଜୟ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଖଇରବାଦ ଗୁରୁକୁଳର ପ୍ରଧାନଅଚାର୍ଯ୍ୟା ହେମଲତା କର ଧନ୍ୟବାଦ ଦେଇଥିଲେ।


ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଜାତୀୟ ଦୃଷ୍ଟିବାଧିତ ଜୁଡୋରେ ଓଡ଼ିଶାକୁ ୧୦ ପଦକ


ପଦକ ଜିତିଥିବା ଖେଳାଳିମାନେ।

ପାରାଦୀପ,୨।୩(ଶରତ ରାଉତ)

ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଫେବୃଆରୀ ୨୪ରୁ ୨୮ ପର୍ଯ୍ୟନ୍ତ ଜାତୀୟ ଜୁଡୋ ଚାମ୍ପିୟନଶିପ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରଥମ ଦୃଷ୍ଟିବାଧିତ ଜୁଡୋ ଟିମ୍ ଭାଗ ନେଇଥିଲା। ଏହି ଟିମ୍‌ରେ ୧୯ ସଦସ୍ୟ ଥିଲାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ଖେଳାଳି ପଦକ ଜିତିଛନ୍ତି। ଏଥିରେ ୮ଟି ବ୍ରୋଞ୍ଜ ଥିବା ବେଳେ ଦୁଇଜଣ ରୌପ୍ୟ ପଦକ ଜିତିଛନ୍ତି। ୮୧ କିଲୋ ବର୍ଗରେ ରୌପ୍ୟ ପାଇଥିବା ଖେଳାଳି ହେଲେ ଅଭିଷେକ ଆଚାର୍ଯ୍ୟ ଓ ଭଗବାନ ନାୟକ। ୬୨ରୁ ୭୦ କିଲୋ ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ପାଇଥିବା ଖେଳାଳି ହେଲେ ପ୍ରସାଦ କୁମାର ସ୍ୱାଇଁ, ଅଙ୍କିତ ମହାନ୍ତି, ଚନ୍ଦନ ସାବତ (୨ଟି ପଦକ), ମୋହନ କୁମାର, ଗୋବିନ୍ଦ ସାହୁ, ସୁକାନ୍ତ ମହାକୁଡ଼, ନିରଞ୍ଜନ ସାହୁ। ଉକ୍ତ ଖେଳାଳିମାନେ ପ୍ରଥମଥର ଭାଗ ନେଇ ୧୦ ପଦକ ହାସଲ କରିଥିବାରୁ ଓଡ଼ିଶା ଜୁଡୋ ଆସୋସିଏଶନ ଜିଲା ସଭାପତି ଅରିନ୍ଦମ ସର୍ଖେଲ, ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ସଞ୍ଜୟ କୁମାର ଦାସ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ଖେଳାଳିମାନେ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଇଥିଲେ। ଖେଳାଳିମାନଙ୍କ ସମସ୍ତ ଆବଶ୍ୟକତା ପାରାଦୀପ ବନ୍ଦର ପକ୍ଷରୁ କରାଯାଇଥିଲା। ତପନ ପ୍ରଧାନ, ବିଶ୍ୱଜିତ୍ ମାହାରୀ ଓ ଲୋପାମୁଦ୍ରା ପତି କୋଚ ଥିଲେ।

# ରାସ୍ତାପାର୍ଶ୍ୱ ଗଛ ଜାଳିଦେଲେ ଦୁର୍ବୃତ୍ତ

## ଉଦ୍‌ବେଗ ପ୍ରକାଶ କଲେ ପରିବେଶବିତ୍

ରାଜକନିକା,୨।୩(ସଞ୍ଜୟ କୁମାର ଦାଶ):

କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳସାହି-ପାରିନୂଆପଡା ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସବୁଜିମାକୁ କେହି ଦୁର୍ବୃତ୍ତ ଶନିବାର ଅପରାହ୍ନରେ ନିଆଁ ଲଗାଇ ଦେଇଥିଲେ। ଗଛଗୁଡ଼ିକ ପୋଡି ପାଉଁଶ ହୋଇ ଯାଇଛି । ଏଥିଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ନଡା ଗଦା ମଧ୍ୟ ହୁତୁହୁତୁ ହୋଇ ଜଳିଯାଇଛି। ଏହା ଦେଖି ଗ୍ରାମବାସୀ ରାଜକନିକା ଅଗ୍ନୀଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନୀଶମ ବାହିନୀ ପହଞ୍ଚି ୪ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡ ଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ମୂଲ୍ୟବାନ ଗଛଗୁଡ଼ିକ ପୋଡି ପାଉଁଶ ହୋଇ ଯାଇଛି । ଏହାସହ ଜମିରେ ରଖାଯାଇଥିବା ନଡା ଗଦା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି । ଏହି ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ସାମାଜିକ କର୍ମୀ ବିନୋଦ ନାୟକ, ଦୀପ୍ତିରଞ୍ଜନ ବାରିକ, ପ୍ରକାଶ ନାୟକ, ଅମିୟ ମଲିକ, ସୁଶାନ୍ତ ନାୟକ, ଦୀପ୍ତି ରଞ୍ଜନ ବେହେରା ଓ ପରିବେଶବିତ୍ ସୁବାସ ସାହୁ ପ୍ରମୁଖ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି, ଗଛ ବଞ୍ଚିଲେ ଆମେ ବଞ୍ଚିବା । ପରିବେଶକୁ ସନ୍ତୁଳନ ରଖିବା ପାଇଁ ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରି ସବୁଜିମା ସୃଷ୍ଟି କରୁଛନ୍ତି । ତାକୁ ବଞ୍ଚାଇ ରଖିବା ଦାୟିତ୍ୱ ଆମ ସମସ୍ତଙ୍କର । ସବୁଜିମା ବଞ୍ଚି ରହିଲେ ସୃଷ୍ଟି ବଞ୍ଚିବ ।


ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଲିଭାଉଛନ୍ତି।

# ୮ ମାସ ହେବ ୪ ସୋଲାର ୱାଟର ପଏଣ୍ଟ ଅଚଳ

- ଅଭିଯୋଗ ଶୁଣୁନି ଗ୍ରାମ୍ୟ ପାନୀୟ ଜଳ ବିଭାଗ
- ୫ ଶହ ପରିବାର ପାଣି ପାଇଁ ହନ୍ତସନ୍ତ

ମହାକାଳପଡ଼ା,୨।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ):

ଚଳିତ ମାସ ପ୍ରଥମ ସପ୍ତାହରୁ ବଢ଼ିଲାଣି ତାତି। ପୂର୍ବାହ୍ନ ୧୦ଟା ପରେ ପ୍ରବଳ ଗରମ ଅନୁଭୂତ ହେଉଛି। ଖରାରେ ଗାଡ଼ିଆ, ପୋଖରୀ ଆଦି ଜଳାଶ୍ରୟ ଶୁଖିବା ଆରମ୍ଭ କରିଛି। ଏପରି ପରିସ୍ଥିତିରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି।

ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ଗତ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପ୍ରତି ଘରେ ପାନୀୟ ଜଳ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ଘର ଦୁଆର ବନ୍ଧରେ ବସିଥିଲା ପାନୀୟ ଜଳ ଟ୍ୟାପ୍ ପଏଣ୍ଟ। ପ୍ରକଳ୍ପ ଆରମ୍ଭରୁ କିଛି ମାସ ପାଣି ଯୋଗାଣ ଠିକ୍ ଚାଲିଥିଲା। ମାତ୍ର ୮ ମାସ ତଳେ ପ୍ରକଳ୍ପ ଅଚଳ ହେବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକମାନେ ବାଧ ହୋଇ ଗାଡ଼ିଆ ପୋଖରୀ ଜଳକୁ ସିଝାଇ ବ୍ୟବହାର କରିଥିବା ଅଭିଯୋଗ ହୋଇଛି।


ସୁନିତି ଗ୍ରାମର ସୋଲାର ୱାଟର ପଏଣ୍ଟ ଅଚଳ ଯୋଗୁ ମହିଳାମାନେ ଅନ୍ୟତ୍ର ପାଣି ପାଇଁ ଯାଉଛନ୍ତି।

ସ୍ଥାନୀୟ ମହିଳାମାନେ ସୋଲାର ୱାଟର ପଏଣ୍ଟ ଅଚଳ ଯୋଗୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। ନଳକୂପରୁ ଅଳ୍ପ ପାଣି ବାହାରୁଛି । ସେଥିରେ ଆଳିଆ ଆବର୍ଜନା ବି ଭାସୁଛି। ସେହି ପାଣିକୁ ଛାଣି ନେଉଛୁ ବୋଲି ଉତ୍ତର ସୁନିତି ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା କଥା ୮ ମାସ ହେବ ସୋଲାର ୱାଟର ପଏଣ୍ଟ ଅଚଳ ଯୋଗୁ ପାଣି ଘରେ ପହଞ୍ଚୁ ନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଆଜି ପର୍ଯ୍ୟନ୍ତ ଗ୍ରହଣ କରାଯାଇନାହିଁ ବୋଲି ଉକ୍ତ ଗ୍ରାମର ନଷ୍ଟୁ ମଣ୍ଡଳ, ଭବାନୀ ମଣ୍ଡଳ, କବିତା ପ୍ରଧାନ, କନକଲତା ମଣ୍ଡଳ, ବିମଳା ମଣ୍ଡଳ, ପୂର୍ଣ୍ଣିମା ହାଲଦାର, ପ୍ରତିମା ମଣ୍ଡଳଙ୍କ ସମେତ ବହୁ ମହିଳା କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତର ଓଲ୍ଡ ଫିଲ୍ଡ , ବୋବାଙ୍ଗ ଡିଅ , ଗୋଚ୍ଛାୟତ ପଡ଼ା, ନିଉଫିଲ୍ଡ ଆଦି ଗ୍ରାମରେ ବସୁଧା ଯୋଜନାରେ ଏମ୍/ଏସ୍ ସୂର୍ଯ୍ୟ ଇଣ୍ଟରନ୍ୟାଶନାଲ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ ଲିମିଟେଡ୍ ନାମକ ଘରୋଇ ସଂସ୍ଥା ୨୦୨୨ରେ ୭ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିଥିଲା । ଏହି ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ବିଭାଗ ଓ ସଂସ୍ଥା ନାମ ଧରୁ ନାହାଁନ୍ତି ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନାହିଁ ।

# ମାତିଛନ୍ତି ମନ୍ଦିର ଚୋର

## ୫୦ ଦିନରେ ୪ ମନ୍ଦିରରୁ ଚୋରି

■ଅନ୍ଧାରରେ ବାଡ଼ି ବୁଲାଉଛି ପୋଲିସ
■ପାଟ୍ରୋଲିଂ ନେଇ ଉଠିଲା ପ୍ରଶ୍ନ

ନୟାଗଡ଼,୨।୩(ଲୋକନାଥ ମିଶ୍ର)


ଗୋପୀନାଥଜୀଉ ମନ୍ଦିରରୁ ଚୋରି ପରେ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟ।

ନୟାଗଡ଼ ପୋଲିସ ଜିଲାରେ ମନ୍ଦିର ଚୋର ସକ୍ରିୟ ପରେ ପୋଲିସର ମୁଣ୍ଡବ୍ୟଥା ବଢ଼ିଛି। ୫୦ଦିନରେ ୪ ମନ୍ଦିରରୁ ଚୋରି ହୋଇସାରିଲାଣି। ସବୁ ମନ୍ଦିରରୁ ଏକ ଢଙ୍ଗରେ ଚୋରି ହୋଇଛି। ଚୋରଙ୍କ ଟାର୍ଗେଟରେ ଏବେ ମନ୍ଦିର ରହିଥିବା ସ୍ପଷ୍ଟ ହେବା ପରେ ବି ପୋଲିସ ହାତବାନ୍ଧି ବସିଛି। ଆଜି ପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରିପାରିନାହିଁ କି ଚୋରି ସାମଗ୍ରୀ ଜବତ କରିପାରିନାହିଁ। ମନ୍ଦିର ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଥିବା ବେଳେ ପାଟ୍ରୋଲିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ଗତ ୨୮ ତାରିଖ ରାତିରେ ନୟାଗଡ଼ ପୁରୁଣା ସହର ଗୋପୀନାଥଜୀଉ ମନ୍ଦିରରୁ ଚୋରି ହୋଇଥିଲା। କେହି ଶ୍ରୀଜୀଉଙ୍କ ସୁନା ନାକଚଣା ଓ ଚିତା ଚୋରି କରିଛନ୍ତି।। ପୁଣି ମନ୍ଦିର ପୂଜକ ରଖିଥିବା ଆଲମିରାରୁ ଛୋଟ ବାକ୍ସ କାଢ଼ି ୧୨ ହଜାର ଟଙ୍କା ଅନୁରୂପ ଭାବେ ଚୋରି ହୋଇଥିଲା। ସେହି ରାତିରେ ଦକ୍ଷିଣକାଳୀ ମନ୍ଦିରରୁ ଚୋରି ଉଦ୍ୟମ ବିଫଳ ହୋଇଛି। ଗତ ଫେବୃଆରୀ ୧୯ ରାତିରେ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଥିଲା। ଚୋରମାନେ ଦାନବାକ୍ସରୁ ଟଙ୍କା ନେଇଯିବା ସହ ଶ୍ରୀଜୀଉଙ୍କ ୧୩୦୦ ଗ୍ରାମର ରୁପା ଓ ସୁନା ଅଳଙ୍କାର ଚୋରାଇ ନେଇଥିଲେ। ସେହିଭଳି ସେହିମାସ ୧୫ ତାରିଖ ରାତିରେ ଜିଲାର ପ୍ରସିଦ୍ଧ ଶୈବପୀଠ ଓଡ଼ଗାଁ ଥାନା ଅଧୀନ ଜାମୁପାଟଣାସ୍ଥିତ ଦୃତିକେଶ୍ୱର ମନ୍ଦିରରୁ ରାଧାକୃଷ୍ଣଙ୍କ ବିରଳ ମୂର୍ତ୍ତି ଚୋରି ହୋଇଥିଲା। ଗତ ଜାନୁଆରୀ ୧୧ ରାତିରେ ଇଟାମାଟି ଥାନା ବଡ଼ପଣ୍ଡୁସରର ପ୍ରସିଦ୍ଧ ଉଗ୍ରେଶ୍ୱର ମହାଦେବଙ୍କ ୨୫ କେଜି ଓଜନର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ପାର୍ବତୀ ମୂର୍ତ୍ତି, ୩୦ କେଜି ଓଜନର ପଞ୍ଚମୁଖୀ ଶିବ ମୂର୍ତ୍ତି ଚୋରି ହୋଇଥିଲା। ଉପରୋକ୍ତ ସମସ୍ତ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ଘଟଣାରେ ପୋଲିସକୁ ସଫଳତା ମିଳିନାହିଁ।

ଏନେଇ କଂଗ୍ରେସର ପୂର୍ବତନ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି,ନୟାଗଡ଼ରେ ଜିଲା ପ୍ରଶାସନ ଯୋଗୁ ମଠ ଓ ମନ୍ଦିର ସମ୍ପତ୍ତି ସୁରକ୍ଷିତ ରହୁନାହିଁ। କେହି ଦୁର୍ବୃତ୍ତ କ୍ରମାଗତ ଭାବେ ୪ଟି ମନ୍ଦିରରୁ ସମାନ ଢଙ୍ଗରେ ଚୋରି କରୁଥିଲେ ମଧ୍ୟ ପୋଲିସ ଟେରପାଉ ନାହିଁ। ପୋଲିସ ଚୋରର ଟେର ନ ପାଇବା ଓ ମନ୍ଦିର ଚୋରି ବଢ଼ି ଚାଲିବା ଘଟଣା ଜିଲା ପୋଲିସ ଓ ଜିଲା ପ୍ରଶାସନର ପାରଦର୍ଶିତାକୁ ପଦାରେ ପକାଇଛି। ଚୋରି ଓ ଚୋରକୁ ତୁରନ୍ତ ଧରିବାକୁ କ୍ରାଇମବ୍ରାଞ୍ଚ ପୋଲିସ ଟାସ୍କଫୋର୍ସ ଗଠନ କରିବାକୁ ରଣଜିତ୍ 'ଏକ୍ସ'ରେ ରାଜ୍ୟ ଆଇନମନ୍ତ୍ରୀଙ୍କୁ ଟୁଇଟ୍ କରିଥିବା କହିଛନ୍ତି। ବିଜେଡି ନେତା ଗୁରୁ ପ୍ରସାଦ ଜେନା କୁହନ୍ତି, ମନ୍ଦିର ଚୋରିକୁ ଦେଖିଲେ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପରି ଲାଗୁଛି। ୪ ମନ୍ଦିରରୁ ଚୋରି ହୋଇଥିବାବେଳେ ପୋଲିସ ଟେର ନ ପାଇବା ଜିଲା ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି। ମନ୍ଦିରରେ ସିସିଟିଭି ଥାଇ ଓ ନ ଥାଇ ମଧ୍ୟ ଚୋରି ହେଉଛି। ମନ୍ଦିର ଚୋରି ବଢ଼ୁଥିବାବେଳେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ନାହିଁ। ଏହା ଚୋରମାନଙ୍କୁ ସୁହାଉଛି। ଗତ ୨୮ ତାରିଖ ରାତିରେ ଜଣେ ଯୁବକ ଗୋପୀନାଥ ମନ୍ଦିରରୁ ଚୋରି କରି ପୁଣି ଦକ୍ଷିଣକାଳୀ ମନ୍ଦିରରୁ ଚୋରି ପାଇଁ ଉଦ୍ୟମ କରିଥିଲେ। ବିଳମ୍ବିତ ରାତିରେ ଚୋର ନିର୍ଭୟରେ ଗୋଟିକ ପରେ ଗୋଟିଏ ମନ୍ଦିର ଚୋରି କରୁଥିଲେ ମଧ୍ୟ ପୋଲିସ ପାଖରେ ଖବର ନାହିଁ। ମନ୍ଦିର ଚୋରି ଏବେ ସାଧାରଣରେ ଭୟ ସୃଷ୍ଟି କରିଛି। ସିପିଆଇ(ଏମ୍) ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ମନ୍ଦିର ଚୋରିକୁ ଅନୁଧ୍ୟାନ କଲେ ସମାନ ଢଙ୍ଗରେ ଚୋରି ହେଉଛି। ଗୋପୀନାଥ ମନ୍ଦିର ଚୋରିର ସିସିଟିଭି ଫୁଟେଜକୁ ଦେଖିଲେ ଚୋର ନିର୍ଭୟରେ ଚୋରି କରି ଯାଉଛନ୍ତି। କେବଳ ଜଣେ ଯୁବକ ହିଁ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଏଥିରେ ଏକ ର୍ୟାକେଟ କାମ କରୁଛି। ପୋଲିସ ତୁରନ୍ତ ମନ୍ଦିର ଚୋର ର୍ୟାକେଟକୁ ଧରୁ। ନ ହେଲେ ପୁଣି ଆଉ କେଉଁ ମନ୍ଦିରରୁ ଚୋରି ହେବ କହିହେବ ନାହିଁ। ଏ ସଂକ୍ରାନ୍ତରେ ବିଭିନ୍ନ ଥାନାର ପୋଲିସ ସତର୍କ ରହିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଭଞ୍ଜନଗର ବିଜୟୀ,ସେମି ଫାଇନାଲରେ ପ୍ରବେଶ

## ରାଜ୍ୟସ୍ତରୀୟ ଭାପୁର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନୟାଗଡ଼/ଭାପୁର,୨।୩(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ଭାପୁର ମହୋତ୍ସବ ପଡ଼ିଆରେ ସମ୍ପର୍କ କ୍ଲବ ଯୁବକ ସଂଘ ଦ୍ୱାରା ଆୟୋଜିତ ଓ ମୋ ମାଟି ଭାପୁର ଅନୁଷ୍ଠାନ ସହଯୋଗରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଭଞ୍ଜନଗର ଫୁଟବଲ କ୍ଲବ ୨-୦ ଗୋଲରେ ୟୁନାଇଟେଡ଼ ଭଦ୍ରକ ଫୁଟବଲ ଟିମକୁ ପରାସ୍ତ କରି ବିଜୟୀ ହୋଇ ପ୍ରଥମ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳରେ ଭଞ୍ଜନଗର ଟିମର ୧୧ ନଂ. ଖେଳାଳି ୧୭ ମିନିଟରେ ଗୋଟିଏ ଗୋଲ ଓ ୨୦ ମିନିଟରେ ସେହି ଦଳର ୧୦ନଂ. ଖେଳାଳି ସମୀର ଅନ୍ୟ ଏକ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଭଞ୍ଜନଗର ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଭାପୁର ଫୁଟବଲ ଟୁର୍ନାମେଣ୍ଟର ସଭାପତି ବ୍ରଜବନ୍ଧୁ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ନାୟକ, ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାଶ , କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ସାଧୁ ଚରଣ ସିଂହ ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ଶ୍ରୀଧର ସେଠୀ , ଶିକ୍ଷକ ମନୋଜ କୁମାର ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ ସେଖାବିତ୍ ଅଲ୍ଲୀ , ଲାଇନରେ ସହାୟତା କରିଥିଲେ ପ୍ରଫୁଲ୍ଲ କୁମାର ବେହେରା, ବାଦଲ ମହାନ୍ତି ଓ ସାଗୀର୍ ଅହମ୍ମଦ। ମ୍ୟାଚ କମିଶନର ଭାବେ ଅବଦୁଲ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ଖବରଦାତା ଜନ୍ମେଜୟ ଦଳେଇ। ସମ୍ପର୍କ କ୍ଲବ ଯୁବକ ସଂଘର ସମ୍ପାଦକ ଯୋଗେନ୍ଦ୍ର ଦଳବେହେରା, ଖେଳର ଉପଦେଷ୍ଟା ଦୁର୍ଯ୍ୟୋଧନ ସାହୁ, ଶରତ କୁମାର ମହାପାତ୍ର ସହଯୋଗ କରିଥିଲେ। ସୋମବାର ମ୍ୟାଚ ମା' ମଙ୍ଗଳା କ୍ଲବ କଟକ ସହିତ ୱେଲଫେୟାର ୟୁଥ କ୍ଲବ ରାଉରକେଲା ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପର୍କ କ୍ଲବର ସଭାପତି ନେତ୍ରାନନ୍ଦ ନାୟକଙ୍କ ଠାରୁ ସୂଚନା ମିଳିଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ୫ ଦିନ ପରେ ପୋଲିସ ହାତ ଖାଲି

## କରଡ଼ାରୁ ୩୦ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ଘଟଣା

ନୟାଗଡ଼,୨।୩(ଲୋକନାଥ ମିଶ୍ର)


ପଡ଼ିଶା ଘର ବାରିପଟେ ପଡିଥିବା ୨ ବାକ୍ସ ଓ ପୋଷାକ।

ନୟାଗଡ଼ ପୋଲିସ ଜିଲାରେ ଶରଣକୁଳ ଥାନା କରଡା ରଘୁନାଥପୁର ବ୍ରାହ୍ମଣ ଶାସନର ନବ କିଶୋର ପଣ୍ଡାଙ୍କ ଘରୁ ୩୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି ଘଟଣାକୁ ୫ ଦିନ ବିତିଛି । ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ପଞ୍ଚରିଡା ଗାଁର ନବ କିଶୋର ପଣ୍ଡା ୫ ବର୍ଷ ହେଲା କରଡା ରଘୁନାଥପୁର ବ୍ରାହ୍ମଣ ଶାସନର ପଦ୍ମନାଭ ମିଶ୍ରଙ୍କ ଘରେ ଭଡାରେ ରହୁଥିଲେ । ଗତ ୨୬ ତାରିଖ ମହାଶିବରାତ୍ରିରେ ନବଙ୍କ ପରିବାର ଲୋକ ମନ୍ଦିରକୁ ନ ଯାଇ ରାତ୍ର ୨ଟା ପର୍ଯ୍ୟନ୍ତ ଘରେ ଦୀପ ଜାଳିଥିଲେ । ରାତି ୨ଟା ପରେ ବିଶ୍ରାମ ନେଇଥିଲେ । ବିଶ୍ରାମ ପରେ ବାରିପଟ କବାଟ ତାଡି ଚୋରମାନେ ଘରେ ପଶି ଟ୍ରଙ୍କରୁ ୪ଭରି ଓଜନର ୩ଟି ସୁନାହାର, ୨ଭରି ଓଜନର ୨ଟି ସୁନାଚେନ, ୫ଭରି ଓଜନର ୧୮ଟି ସୁନାମୁଦି, ୬ ଭରି ଓଜନର ୧୪ଟି କାନଫୁଲ,୧୫ ଭରିର ୫ ହଳ ରୁପା ପାଉଁଜି, ସାଢ଼େ ୨ଭରିର ୫ଟି ରୁପା ମୁଦି, ୩ଭରି ଓଜନର ରୁପାର ୧୦ ହଳ ଗୋଡ ମୁଦି ଚୋରାଇ ନେଇଥିଲେ। ଉପରୋକ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ । ସେହିଭଳି ୧ ଲକ୍ଷ ୨୫ ହଜାର ଟଙ୍କା, ଘରର ଜମିବାଡି ଓ ଚାକିରି ସଂକ୍ରାନ୍ତୀୟ କାଗଜପତ୍ର, ଝିଅର ୩୦ ହଳ ଡ୍ରେସ, ଝିଅର ପାଠପଢ଼ା ପ୍ରମାଣପତ୍ର ଚୋରାଇ ନେଇଥିଲେ । ରାତି ୪ଟାରେ ଫୋନ୍‌ର ଆଲାରାମ ବାଜିବା ପରେ ପରିବାର ଲୋକେ ଉଠିବା ପରେ ଘରୁ ଚୋରି ହୋଇଥିବା ଦେଖିଥିଲେ। ବାହାରକୁ ଯାଇ ଦେଖିବା ପରେ ଚୋରି ହୋଇଥିବା ୩ ଟ୍ରଙ୍କ ମଧ୍ୟରୁ ୨ ଟ୍ରଙ୍କ ପଡିଶା ଘର ବାରିପଟେ ପଡିଥିଲା। ପଦ୍ମନାଭ ଝିଅ ବିବାହ ପାଇଁ ସୁନା ଓ ରୁପା ଅଳଙ୍କାର ରଖିଥିଲେ । ସମସ୍ତ ସାମଗ୍ରୀ ଚୋରି ହେବା ପରେ ସେ ଭାଙ୍ଗି ପଡିଛନ୍ତି । ଏପରି କ୍ଷେତ୍ରରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି ।

# ୧୯୭୧ ବ୍ୟାଚ୍‌ର ବନ୍ଧୁ ମିଳନ,ଗୁରୁପୂଜନ

ଖଣ୍ଡପଡ଼ା,୨।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚ୍ ସହପାଠୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମା'ଉମାଦେବୀଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମସ୍ତଙ୍କ ଉପସ୍ଥିତିରେ ମା'ଉମାଦେବୀଙ୍କ ନିକଟରେ ଭୋଗଲାଗି ଅବସରରେ ସମସ୍ତଙ୍କ ମଙ୍ଗଳକାମନା କରାଯାଇଥିଲା। ସହପାଠୀ କାଶିନାଥ ଦାସ, ଆଇନଜୀବୀ ଦୁର୍ଗାଚରଣ ନାୟକ, ସୋମନାଥ ତରାସିଆ, ସଚ୍ଚିଦାନନ୍ଦ ମିଶ୍ର, ନିର୍ମଳ ମହାନ୍ତି, ପୂର୍ବତନ ସରପଞ୍ଚ ବେଣୁଧର ମହାରଣା ଓ କୈଳାଶ ଚନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବନ୍ଧୁ ମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁପୂଜନ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଅବସରପ୍ରାପ୍ତ କଳାଶିକ୍ଷକ ଲଡୁକିଶୋର ସିଂହ ସାମନ୍ତଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚିତ୍ରା



@ ଦିଲ୍ଲୀପ


@ ପୂର୍ଣ୍ଣମାସି


@ ସିଦ୍ଧାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସବ୍‌ଜୁନିୟର ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍, ବାଇଗୁଣିଆଁ ବିଜୟୀ

ଖଣ୍ଡପଡ଼ା,୨।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ମଧୁବନ ମିନିଷ୍ଟାଡିୟମ ପରିସରରେ ସ୍ପୋର୍ଟସ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅବସରରେ ରବିବାର ସବ୍‌ଜୁନିୟର ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଇଗୁଣିଆଁ ଟିମ୍ ୪-୧ ଗୋଲ୍‌ରେ ଖଣ୍ଡପଡ଼ା ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା। ମୁଖ୍ୟ ରେଫରୀ ଭାବେ ବାପି ମହାନ୍ତି ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ସୁଧାଂଶୁ ବେହେରା ଓ ଦେବୀପ୍ରସାଦ ସ୍ୱାଇଁ। ମୁଖ୍ୟ ଅତିଥି ରୂପେ ସନ୍ତୋଷ କୁମାର ସାହୁ ଯୋଗଦେଇ ଉଭୟ ଟିମ୍‌ର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌କୁ ଉପଭୋଗ କରିବା ନିମନ୍ତେ ଷ୍ଟାଡ଼ିୟମ୍ ପରିସରରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସୋମବାର ଖଣ୍ଡପଡ଼ା ଓକିଲ ସଂଘ, ସାମ୍ବାଦିକ ସଂଘ, ରାଜନେତା ଓ ପ୍ରଶାସକମାନଙ୍କୁ ନେଇ ୨ଟି ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ।


ପ୍ରଦର୍ଶନୀ ମ୍ୟାଚ୍‌ରେ ସାମିଲ ହୋଇଥିବା ଖେଳାଳି।

# ରାଜ୍ୟସ୍ତରୀୟ ନାଟ୍ୟମେଳା ଉଦ୍‌ଘାଟିତ

## ଶୁଣନ୍ତୁ ହେ ଅଭିମନ୍ୟୁମାନେ ନାଟକରେ କଳୁଷିତ ସମାଜକୁ ବଦଳାଇବାର ବାର୍ତ୍ତା

ନୟାଗଡ଼,୨।୩(ଲୋକନାଥ ମିଶ୍ର)


ଶୁଣନ୍ତୁ ହେ ଅଭିମନ୍ୟୁମାନେ ନାଟକର ଏକ ଦୃଶ୍ୟ।

ନୟାଗଡ଼ର ଅଗ୍ରଣୀ ନାଟ୍ୟସଂସ୍ଥା 'ନାଟ୍ୟଧାରା' ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରବିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ନୟାଗଡ଼ର ପଠାଣି ସାମନ୍ତ ସଂସ୍କୃତି ଭବନରେ ଆୟୋଜିତ ନାଟକ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଶୁଭକାନ୍ତ ପାଢ଼ୀ, ନାଟ୍ୟ ନିର୍ଦ୍ଦେଶିକା ସୌନିକା ସାହୁ ପ୍ରମୁଖ ଯୋଗଦାନ କରିଥିବା ବେଳେ ନାଟ୍ୟାନୁଷ୍ଠାନ ନାଟ୍ୟଧାରା ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନାଟ୍ୟଧାରା ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

୬ ଦିନ ଧରି ହେବାକୁ ଥିବା ଏହି ନାଟ୍ୟମେଳାର ଉଦ୍‌ଘାଟନୀ ଦିବସରେ ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ପ୍ରସ୍ତୁତି ନାଟକ ଶୁଣନ୍ତୁ ହେ ଅଭିମନ୍ୟୁମାନେରେ କଳୁଷିତ ସମାଜକୁ ବଦଳାଇବାର ବାର୍ତ୍ତା ରହିଥିଲା। ନାଟକରେ କଳୁଷିତ ସମାଜର ଭୟାବହ ପରିସ୍ଥିତି ସ୍ଥାନ ପାଇଛି। ମାନବିକତା କବର ନେଇଥିବାବେଳେ ହିଂସା, ଅନ୍ୟାୟ, ଅନୀତି, ଅସତ୍ୟ ପଥର ଯାତ୍ରୀ ଯୁବ ସମାଜ ହୋଇଛି। ଏ ସବୁର ଅନ୍ତିମ ପରିଣତି କେତେ ଯେ ଭୟାନକ ସେ ନିଜେ ବି ଜାଣି ନ ଥାଏ । ମହାଭାରତ ଯୁଦ୍ଧରେ ଚକ୍ରବ୍ୟୂହ ଭିତରକୁ ପ୍ରବେଶ କରିଥିଲେ ଅଭିମନ୍ୟୁ । କିନ୍ତୁ ଫେରି ପାରି ନ ଥିଲେ। ସେମିତି ଆଜିର ଯୁବ ସମାଜ ଅପରାଧର ଚକ୍ରବ୍ୟୂହ ଭିତରେ ସହଜରେ ପ୍ରବେଶ କରି ପାରୁଛି। କିନ୍ତୁ ଫେରିବାର ବାଟ ନ ପାଇ ଅଭିମନ୍ୟୁ ପରି ପ୍ରାଣ ହରାଇବାକୁ ପଡୁଛି। ଏପରି ଏକ ବାସ୍ତବଧର୍ମୀ ବିଷୟକୁ ନେଇ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ଏବଂ ସୌନିକା ସାହୁଙ୍କ ନିର୍ଦ୍ଦେଶିତ ନାଟକ ବେଶ କରତାଳି ସାଉଁଟି ଥିଲା।

